# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13th May - 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ପଞ୍ଜାବର ଆଦମପୁର ସାମରିକ ଘାଟିରେ ବୀର ଯବାନଙ୍କୁ ଭେଟି ସାଧୁବାଦ ଜଣାଇଲେ ପ୍ରଧାନମନ୍ତ୍ରୀ
- ପ୍ରକାଶ ପାଇଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅବଧି ଶେଷ ହେବାପରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଘରକୁ ଘରୁ ବୁଲି କରାଯିବ ସର୍ଭେ

ଏବଂ

- ଆକଳନର ୬ ଦିନ ପୂର୍ବରୁ ଆଣ୍ଡାମାନ ସାଗର ଛୁଇଁଲା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ

# ପିଏମ୍-ଆଦମପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ପଞ୍ଜାବସ୍ଥିତ ଆଦମପୁର ସାମରିକ ଘାଟି ପରିଦର୍ଶନ କରି ବୀର ଯୋଦ୍ଧା ସୈନିକମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ବୀର ସୈନିକ ମାନଙ୍କ ସାହସୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସାମାଜିକ ଗଣମାଧମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁମାନେ ଦୃଢ଼ ଲକ୍ଷ୍ୟ, ଅଦମ୍ୟ ସାହସ ଏବଂ ନିର୍ଭୀକତାର ପରିଚୟ ଦେଇଛନ୍ତି ସେମାନଙ୍କ ସହ କଥା ହେବା ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶପାଇଁ ଆମ ସଶସ୍ତ୍ରବାହିନୀ ଯେଉଁ ସମର୍ପଣଭାବ ପ୍ରଦର୍ଶନ କରିଛନ୍ତି ସେଥିଲାଗି ସେ କୃତଜ୍ଞତା ପ୍ରକାଶ କରୁଛନ୍ତି ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ ସିନ୍ଦୂର ଅନ୍ତର୍ଗତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରର ଅନେକଗୁଡ଼ିଏ ଆତଙ୍କୀ ଶିବିରକୁ ନଷ୍ଟ କରିବା ସହ ଭାରତୀୟ ସେନା ଏହି ଅଭିଯାନରେ ଏକଶହରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା ।

ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଗତକାଲି ପ୍ରଧାନମନ୍ତ୍ରୀ କହିଥିଲେ ଆତଙ୍କବାଦକୁ ସମୁଳେ ବିନାଶ କରିବା ଲାଗି ଦେଶ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ପରମାଣୁ ଅସ୍ତ୍ରର ଭୟ ଦେଖାଇ ଆତଙ୍କବାଦ ଆକ୍ରମଣ କଲେ ଭାରତ ପକ୍ଷରୁ ଦୃଢ଼ ଜବାବ ଦିଆଯିବ।

# ବିଜେପି-ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପି ୧୧ ଦିନିଆ ତିରଙ୍ଗା ଯାତ୍ରା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ, ସାମାଜିକ ଅନୁଷ୍ଠାନ ଓ ବିଜେପିର ପ୍ରମୁଖ ନେତାମାନେ ସାମିଲ ହେବେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କୀ ଆଡ୍ଡା ଧ୍ୱଂସକରିବା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଆଜି ଜିଲ୍ଲାସ୍ତରରେ ଦଳ ପକ୍ଷରୁ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଛି ।

## ଧନ୍ୟବାଦ ମୁଖ୍ୟମନ୍ତ୍ରୀ

ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଆଜିଠାରୁ ରାଜ୍ୟର ୧୦ଟି ପ୍ରମୁଖ ସ୍ଥାନରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଚାନ୍ଦବାଲିଠାରେ ଆଜି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆସନ୍ତା ୧୫ ତାରିଖରେ କରଞ୍ଜିଆ, ୧୭ରେ ଜଗତସିଂହପୁର, ୧୮ରେ ଅନୁଗୁଳ, ୨୦ରେ ସୁବର୍ଣ୍ଣପୁର, ୨୨ରେ ଭବାନୀପାଟଣା, ୨୬ରେ ରାୟଗଡ଼ା, ୨୮ରେ ଭଞ୍ଜନଗର, ୩୦ ଓ ୩୧ ତାରିଖରେ ସୁନ୍ଦରଗଡ଼ ଏବଂ ଢେଙ୍କାନାଳଠାରେ ଚାଷୀ ସମାବେଶ କରାଯିବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସହ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

## ବୈଠକ-ମନୋଜ ଆହୂଜା

ଭୁବନେଶ୍ୱର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା, ବିଭାଗମାନଙ୍କରେ ଖାଲିଥିବା ପଦବୀ ପୂରଣ, ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଧାରିତ ଅବସରକାଳୀନ ପ୍ରାପ୍ୟ ଏବଂ ପେନସନ୍ ପ୍ରଦାନ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସିବିଏସ୍ଇ-ଦ୍ୱାଦଶ/ଦଶମ ପରୀକ୍ଷା ଫଳ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ **ଦଶମ ଓ ଦ୍ୱାଦଶ** ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । **ଦଶମ** ପରୀକ୍ଷା ପାସ୍ ହାର ୯୩ ଦଶମିକ ୬/୬ ପ୍ରତିଶତ  ରହିଛି । ଗତବର୍ଷ ତୁଳନାରେ ଶୂନ ଦଶମିକ ୦/୬ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତବର୍ଷ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ତ୍ରିଭେନ୍ଦ୍ରମ୍ ଜୋନ୍ ୯୯ ଦଶମିକ ୭/୯

ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ ଭୁବନେଶ୍ୱର ଜୋନ୍ ୯୨ ଦଶମିକ ୬/୪ ପ୍ରତିଶତ ରଖି ୧୨ ନମ୍ବର ସ୍ଥାନରେ ରହିଛି।

ଅନ୍ୟପକ୍ଷରେ, ଚଳିତବର୍ଷ **ଦ୍ୱାଦଶ**ରେ ପାସ୍ ହାର ୮୮ ଦଶମିକ ୩/୯ ପ୍ରତିଶତ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୧ ଦଶମିକ ୬/୪ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୮୫ ଦଶମିକ ୭/୦ ପ୍ରତିଶତ ରହିଛି। ଭୁବନେଶ୍ୱର ଜୋନ୍‌ରେ ପାସ୍ ହାର ୮୩ ଦଶମିକ ୬/୪ ପ୍ରତିଶତ ଥିବାବେଳେ ଓଡ଼ିଶାର ପାସ୍ ହାର ୭୮ ଦଶମିକ ୭/୪ ପ୍ରତିଶତ ରହିଛି। **cbseresults.nic.in, results.cbse.nic.in** ଏବଂ **digilocker.gov.in** ରେ ଛାତ୍ରଛାତ୍ରୀ ପରୀକ୍ଷା ଫଳ ଦେଖିପାରୁଛନ୍ତି।

## ପିଏମ୍ ଆବାସ

ପିଏମ୍ ଆବାସ ଯୋଜନାର ପଂଜୀକରଣ ଅବଧି ଆସନ୍ତା ୧୫ ତାରିଖ ରହିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ବର୍ତ୍ତମାନସୁଦ୍ଧା ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ  ଏହି ଯୋଜନାରେ ପଂଜୀକରଣ କରିଛନ୍ତି। ଆସନ୍ତା ୧୫ ତାରିଖ ପରେ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ଶୀତଳଷଷ୍ଠୀ-ସହାୟତା

**ସମ୍ବଲପୁର**ର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକକୋଟି ୮ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ବିଭବ ଶୀତଳଷଷ୍ଠୀ

ଯାତ୍ରା ପାଇଁ ବିଭିନ୍ନ ଯାତ୍ରା କମିଟି ଓ ଅନୁଷ୍ଠାନ ଗୁଡ଼ିକ ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି । ଶୀତଳଷଷ୍ଠୀ ଯାତ୍ରାକୁ ନେଇ ସମ୍ବଲପୁର ସର୍କିଟ୍ ହାଉସ୍‌ଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଶୀତଳଷଷ୍ଠୀ ଯାତ୍ରା ସମ୍ପର୍କରେ ରାଜସ୍ୱମନ୍ତ୍ରୀ କହିଛନ୍ତି....

**-V/O-***(Suresh Pujari)*

## ଶୀତଳଷଷ୍ଠୀ

**ଭଦ୍ରକ** ଜିଲ୍ଲା ଆରଡିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶୀତଳଷଷ୍ଠୀ ପାଇଁ ଲଗ୍ନ ଚିଟାଉ ଥାଳଉଠା ଅନୁଷ୍ଠିତ ହୋଇଯାଇଛି । ମଣିବାବାଙ୍କ ଆଜ୍ଞାମାଳ ମୁକ୍ତି ମଣ୍ଡପରୁ ଆସିବା ପରେ ପାରମ୍ପରିକ ରୀତିନୀତି ଅନୁସାରେ ଶିବ ବିବାହ ପାଇଁ ବରପିତାଙ୍କ ହସ୍ତରେ ତାଳପତ୍ର ଲେଖନୀ ପ୍ରଦାନ କରାଯାଇଥିଲା ।  ଏହି ଲଗ୍ନ ଚିଟାଉ ଥାଳ ନଗର ପରିକ୍ରମା ପରେ ରୀତିନୀତିରେ ବିବାହ ପାଇଁ ସମୟ ନିର୍ଘଣ୍ଟ କରାଯାଇଥିଲା ।

## ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା** ଜିଲ୍ଲା ଖଡିଆଳ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ

ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ରେଳ ଚଳାଚଳ

ଭୁବନେଶ୍ୱର ନୂଆ ରେଳଷ୍ଟେସନରୁ ୩ଟି ନୂତନ ଟ୍ରେନ୍ ଚଳାଚଳ ଆରମ୍ଭ କରିଛି । କୋଣାର୍କ ଏକ୍ସପ୍ରେସ୍, ବିଶାଖା ଏକ୍ସପ୍ରେସ୍ ଏବଂ ଭୁବନେଶ୍ୱର-ବିଶାଖାପଟନମ ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରିଛି । ଏହିସବୁ ଟ୍ରେନ୍ ପୂର୍ବରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ମୁଖ୍ୟ ରେଳଷ୍ଟେସନରୁ ଯାତ୍ରା କରୁଥିଲା ।

# ଭିକାରୀବଳ ସ୍ମୃତି ସମ୍ମାନ

ବିଶିଷ୍ଟ ଗୀତିକାର ରଜନୀକାନ୍ତ ନାୟକ ଓ କଣ୍ଠଶିଳ୍ପୀ ଡକ୍ଟର ସଂଗୀତା ଗୋସାଇଁଙ୍କୁ ଚଳିତବର୍ଷର ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ସ୍ମୃତିସଂସଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତମାସ ୨୫ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି ଆଣ୍ଡାମାନ ସାଗର ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଣ୍ଡାମାନ ଛୁଇଁବା

ପରେ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଂଚଳକୁ ଅଗ୍ରସର ହୋଇଛି। ଚଳିତବର୍ଷ ୬ ଦିନ ଆଗରୁ ମୌସୁମୀ ବାୟୁ ଦକ୍ଷିଣ ଆଣ୍ଡାମାନ ସାଗର ଛୁଇଁଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଅଂଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଏବଂ ଅନ୍ୟାନ୍ୟ ପରିସ୍ଥିତି ଅନୁକୂଳ ରହିଛି।

ଅନ୍ୟପକ୍ଷରେ, ପୂର୍ବବର୍ଷ ଭଳି ଚଳିତବର୍ଷ ମୌସୁମୀବାୟୁ ଆକଳନ ଅନୁସାରେ, ଚଳିତ ମାସ ୨୭ ତାରିଖ ସୁଦ୍ଧା ମୌସୁମୀ କେରଳ ତଟ ଛୁଇଁବାର ସମ୍ଭାବନା ରହିଛି। ମୌସୁମୀ କେରଳ ଛୁଇଁବାର ୧୦ ରୁ ୧୨ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଦେଇ ରାଜ୍ୟର ବିଭିନ୍ନ ଅଂଚଳକୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଆକଳନ ଅନୁସାରେ, ଆସନ୍ତା ଜୁନ୍ ମାସ ୮ ତାରିଖରୁ ୧୦ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ସ୍ପର୍ଶ କରିବ।

ଚଳିତବର୍ଷ ରାଜ୍ୟରେ ବର୍ଷାର ପରିମାଣ ପୂର୍ବ ବର୍ଷ ଭଳି ସ୍ୱାଭାବିକ ରହିବ।

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ନେଇ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, ବଲାଙ୍ଗିର,

ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ସମେତ ୨୫ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*********************************